ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 12-12-2023

ବଲାଙ୍ଗୀର(ଓଡିଶା) - :2023-12-12 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-13 | 2023-12-14 | 2023-12-15 | 2023-12-16 | 2023-12-17 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 27.0 | 27.0 | 28.0 | 27.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 13.0 | 11.0 | 11.0 | 11.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 62 | 61 | 54 | 51 | 61 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 32 | 31 | 29 | 24 | 30 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 3 | 4 | 6 | 5 | 5 |
| ପବନର ଦିଗ (ଡିଗ୍ରୀ) | 75 | 63 | 65 | 63 | 135 |
| ମେଘାଛନ (ଅକ୍ଟା) | 3 | 3 | 1 | 0 | 0 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ଅନୁସାରେ ଆଗକୁ ୫ ଦିନ ପାଗ ଶୁଷ୍କ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭-୨୮ ଡିଗ୍ରୀ ସେଲସିୟସ ୧୧-୧୩ ଡିଗ୍ରୀ ସେଲସିୟସ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ଅଦ୍ରତା ୫୧-୬୨ % ଏବଂ ୨୪-୩୨ % ସମ୍ଭାବନା। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୩ ରୁ ୬ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବ। ସମ୍ଭାବନା । ଆଗକୁ ୫ ଦିନ ଆକାଶ ମୁଖ୍ୟତ ନିର୍ମଳ ରୁ ଆଂଶିକ ମେଘୁଆ ସମ୍ଭାବନା।

## ସାଧାରଣ ଉପଦେଶ:

ଅମଳ ହୋଇଥିବା ଫସଲକୁ ଅଦିନିଆ ବର୍ଷା ରୁ ରକ୍ଷା ପାଇଁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ । • ବର୍ତମାନ ରାତି ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରାରେ ପୋଲିଥିନ ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ । • ଶୀତ ଦିନିଆ ପନିପରିବା କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣିରେ ପ୍ରତି ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ଗ୍ରାମ Spinosad ପ୍ରୟୋଗ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ନିୟମିତ ଫସଲ ପର୍ଯ୍ୟବେକ୍ଷଣ କରନ୍ତୁ ଓ ରୋଗ ପୋକ ପ୍ରତି ଧ୍ୟାନ ଦିଅନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ଅମଳ ହୋଇଥିବା ଧାନ କୁ ବେଙ୍ଗଳା କରି ଦିଅନ୍ତୁ । □ ବେଙ୍ଗଳା କରି ସାରିବା ପରେ ଧାନକୁ ଖରା ରେ ଶୁଖାଇ ଦିଅନ୍ତୁ । ଯାହାଦ୍ଵାରା ଅଦ୍ରତା ର ପରିମାଣ ୧୨% କୁ ଆସିଯିବ । ଦାନ୍ତ ରେ ଚୋବାଇଲେ କଡ କରି ଶବ୍ଦ ହେବ ଜାଣିବେ ଯେ ଧାନ ସୁଖି ଯାଇଛି । □ ଧାନ ସାଇତି ରଖିଥିବା ପାତ୍ର ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ପିଛା ୩ଟି ଟାବଲେଟ ସମୁଦାୟ ୯ ଗ୍ରାମ ଟାବଲେଟ ଭଲଭାବେ ଟାରପୋଲିନ ଘୋଡାଇ ଧୂଆଁ କରନ୍ତୁ ଯେପରିକି କିଛି ଫାଙ୍କା ଜାଗା ନରୁହେ । |
| ବିରି | ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି Sulphur 80% WP @ ୮୦୦ ଗ୍ରାମ କିମ୍ବା Hexaconazole ୫% E.C @ ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫୁଲକୋବି | କୋବି ଫସଲରେ ଠିକିରିପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ -୮ ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate ୫% SG ୨୦୦ ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ। |
| ଆଳୁ | ଆଳୁ ଫସଲ ରେ ସଅଳ ପତ୍ର ପୋଡା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପଣି ରେ ମିଶାଇ ସିଞ୍ଚନ କରନ୍ତୁ। ଆଳୁ ଫସଲ ରେ ଉଚ୍ଛୁର ପତ୍ର ପୋଡା ରୋଗ ରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Metalaxyl ଆଉ Mancozeb ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ଶୀତ ଦିନେ ସକାଳ ର କାକର ଭିଜା ଘାସ ଖାଇବା ଦ୍ୱାରା , ଛେଳି ଛୁଆ ଶରୀର କୁ ବହୁତ ମାତ୍ରା ରେ ପରଜୀବୀ ପ୍ରବେଶ କରନ୍ତି । ଏହାର ପ୍ରଭାବ ରେ ଛେଳି ଛୁଆ ଭୟଙ୍କର ପେଟ ଯନ୍ତ୍ରଣା ରେ ପଡି ମୃତ୍ଯୁ ବରଣ କରେ । ତେଣୁ ଶୀତ ଦିନେ ଛେଳି ଛୁଆ ମାନଙ୍କୁ ବିଳମ୍ବ ରେ ଚରିବାକୁ ଛାଡନ୍ତୁ । |